ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



# ସମ୍ପାଦକୀୟ...

## ପ୍ରଚେଷ୍ଟା କରିବା ଆବଶ୍ୟକ

ସମଗ୍ର ବିଶ୍ୱରେ ଭାରତୀୟ ଲୋକ କଳା, ପରମ୍ପରା ଓ ସଂସ୍କୃତିର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଏହି ଲୋକ କଳା, ପରମ୍ପରା ଓ ସଂସ୍କୃତି ଆମ ଜାତିର ମୂଲ୍ୟବୋଧକୁ ଗୌରବାନ୍ୱିତ କରିବା ଦିଗରେ ବିଶେଷ ସହାୟକ ହୋଇଥାଏ । ଆମ ଦେଶର ଲୋକ କଳା ମଧ୍ୟରେ ଘୋଡାନାଚ, କେଳା କେଳୁଣୀ ନାଚ, ବାଉଁଶ ରାଣୀ ଖେଳ, ଡାସ କାଠିଆ, ପାଲା, ଖଞ୍ଜଣୀ ଭଜନ, ସଂକୀର୍ତ୍ତନ ମଣ୍ଡଳୀ ପ୍ରମୁଖ ଆମ ଐତିହ୍ୟ ଓ ସଂସ୍କୃତିର ଅଳଙ୍କାର ସଦୃଶ । ଏବେ ଏସବୁ ଲୋକ କଳା ପ୍ରୋତ୍ସାହନ ଅଭାବରୁ ବିଲୁପ୍ତ ହେବାକୁ ବସିଲାଣି । ଏହାର ପ୍ରମୁଖ କାରଣ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଏହି ଲୋକ କଳାର ପ୍ରଚାର ଓ ପ୍ରସାର ଦିଗରେ ଆନ୍ତରିକତା ମନୋଭାବର ଅଭାବ ପରିଲକ୍ଷିତ ହେଉଛି । ଫଳରେ ପ୍ରାଚୀନ ଐତିହ୍ୟ ଓ ସଂସ୍କୃତିର ମହାନତାକୁ ବିଶ୍ୱ ଦରବାରରେ ଗୌରବାନ୍ୱିତ କରୁଥିବା ଲୋକ କଳା ଏବେ ଅବକ୍ଷୟର ଦ୍ୱାରଦେଶରେ ଦଣ୍ଡାୟମାନ ହେବା ଭଳି ପରିସ୍ଥିତି ଦେଇ ଗତି କରୁଛି । ଏହି ପ୍ରାଚୀନ ଲୋକ କଳା ଭାରତୀୟ ମହାନ ସଂସ୍କୃତି ଓ ପରମ୍ପରା ଦ୍ୱାରା ଭାରତ ବର୍ଷର ଐତିହ୍ୟ, ସଂସ୍କୃତି ଓ ପରମ୍ପରା ପ୍ରତି ଆଧ୍ୟାତ୍ମିକ ଚିନ୍ତା ଓ ଚେତନା ଜାଗ୍ରତ କରିବା ଦିଗରେ ବିଶେଷ ସହାୟକ ଦାୟିତ୍ୱ ନିର୍ବାହ କରିବା ଏକ ମାଇଲ ଖୁଂଟ ସଦୃଶ ବୋଲି ପ୍ରତୀୟମାନ ହୁଏ । ଭାରତୀୟ ପ୍ରାଚୀନ ପରମ୍ପରା ଅନୁଯାୟୀ ପୁରାତନ ଉତ୍କଳ ତଥା ଅଧୁନା ଓଡିଶା ପ୍ରଦେଶର ପୁରପଲ୍ଲୀରେ ଉତ୍ପାଦିତ ଶସ୍ୟକୁ ସୁଗୃହରେ ଥିବା ଢିଙ୍କିରେ କୁଟି ସେଥିରୁ ଚାଉଳ ସଂଗ୍ରହ କରି ଦୈନନ୍ଦିନ ଖାଦ୍ୟ ଭାବେ ଜୀବନ ଅତିବାହିତ କରୁଥିଲେ । ମାତ୍ର ବୈଜ୍ଞାନିକ ଯୁଗର ଚାକଚକ୍ୟ ଜ୍ଞାନ କୌଶଳ ଯୋଗୁଁ ପ୍ରାଚୀନ ପରମ୍ପରାର ଏକ ପ୍ରାଚୀନ ଆୟୁଧ ଢିଙ୍କି ପରମ୍ପରା ବିଲୁପ୍ତ ହୋଇଗଲାଣି । ସେହିପରି ପ୍ରାଚୀନ କାଳରୁ ଓଡ଼ିଶା ତଥା ଭାରତର ବିଭିନ୍ନ ଗ୍ରାମାଂଚଳରେ ଯନ୍ତ୍ର ସହାୟତାରେ କୃଷି କ୍ଷେତକୁ ନଦୀ ଓ ପୁଷ୍କରିଣୀରୁ ପାଣି ମଡାଇ ଚାଷୀ ମାନେ ନିଜ ନିଜର ଜମିକୁ ଶସ୍ୟ ଶ୍ୟାମଳା କରି ଉତ୍ପାଦିତ ଖାଦ୍ୟ ଶସ୍ୟକୁ ପ୍ରାଚୀନ ଯୁଗରୁ ଭୋକିଲା ପେଟକୁ ଖାଦ୍ୟ ଯୋଗାଣ ଦିଗରେ ପ୍ରମୁଖ ଭୂମିକା ନିର୍ବାହ କରୁଥିଲେ । ତାହା ମଧ୍ୟ ସାମ୍ପ୍ରତିକ ବୈଜ୍ଞାନିକ ଜ୍ଞାନ କୌଶଳର ପ୍ରଭାବରେ ବିଲୁପ୍ତ ହୋଇଗଲାଣି । ସେହିପରି ସେଣା ଓ ଶୋଢୁଅର ପ୍ରାଚୀନ ପରମ୍ପରା ଓ ସ୍ମୃତି ଧ୍ୱଂସାଭିମୁଖୀ । ଭାରତୀୟ ସଂସ୍କୃତିର ମହାନ ପର୍ବ ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ତଥା ପଣାସଂକ୍ରାନ୍ତି ସର୍ବୋପରି ଓଡ଼ିଆ ନୂଆବର୍ଷ ଭାବେ କାହିଁ କେଉଁ ଆବାହମାନ କାଳରୁ ପାଳିତ ହୋଇ ଆସୁଛି । ମାତ୍ର ଆଧୁନିକତାର ପ୍ରଭାବରେ ଇଂରାଜୀ ନବବର୍ଷକୁ ଯେଉଁ ଭଳି ଢଙ୍ଗରେ ଭାରତୀୟ ମାନେ ପାଶ୍ଚାତ୍ୟ ସଭ୍ୟତାର ମୋହରେ ପଡି ପାଳନ କରୁଛନ୍ତି ତାହା ସାମ୍ପ୍ରତିକ ସାମାଜିକ ବ୍ୟବସ୍ଥାକୁ ବାଟବଣା କରିଦେଇଛି । ମାତ୍ର ଭାରତୀୟ ସଂସ୍କୃତି, ଐତିହ୍ୟ, ଆଧ୍ୟାତ୍ମିକ ଚିନ୍ତା ଚେତନାର ମହାନ ପରମ୍ପରା ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ତଥା ପଣା ସଂକ୍ରାନ୍ତି ସର୍ବୋପରି ଓଡ଼ିଆ ନୂଆବର୍ଷ ପାଳନ କରିବା ପାଇଁ ଆମ ବଂଶଜ ମାନଙ୍କର କୁଣ୍ଠାବୋଧ କଣ ପାଇଁ ତାହା ସାମ୍ପ୍ରତିକ ବିଧି ବ୍ୟବସ୍ଥା ମଧ୍ୟରେ ଜଳ ଜଳ ହୋଇ ଦୃଶ୍ୟମାନ ହେଉଛି । ନିଜର ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ଭୁଲି ଆମର ବଂଶଜ ମାନେ ପାଶ୍ଚାତ୍ୟ ସଭ୍ୟତାର ମାୟାରେ ବାୟା ହୋଇ ଆମ ଦେଶ ଭାରତ ବର୍ଷ ଓ ଓଡିଶା ପ୍ରଦେଶର ପ୍ରଧାନ ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ଭୁଲିଯିବା କେତେଦୂର ଯୁକ୍ତି ଯୁକ୍ତ ତାହା ଆମ ଭାରତୀୟ ସଂସ୍କୃତିର ବାଟବଣା ବଂଶଜ ମାନଙ୍କୁ ପ୍ରଶ୍ନ କରାଯାଇପାରେ । ବିଶ୍ୱରେ ଭାରତୀୟ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଭାରତୀୟ ସଂସ୍କୃତିର ବଂଶଜ ମାନେ ନିଜକୁ ପାଶ୍ଚାତ୍ୟ ସଭ୍ୟତାର ମୋହରୁ ନିଜକୁ ମୁକ୍ତ କରି ଇଂରାଜୀ ନବବର୍ଷ ପାଳନ ବଦଳରେ ଭାରତୀୟ ସଂସ୍କୃତିର ମହାନତା ବହନ କରୁଥିବା ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ, ପଣା ସଂକ୍ରାନ୍ତି ତଥା ଓଡିଆ ନୂଆବର୍ଷକୁ ଧାର୍ମିକ ରୀତିନୀତି ଅନୁଯାୟୀ ପାଳନ କରିବା ସହ ଭାରତୀୟ ସଂସ୍କୃତିକୁ ଗୌରବାନ୍ୱିତ କରି ଆମ ବଂଶଜ ମାନଙ୍କ ମନରେ ବୁଢିଆଣୀ ପରି ବସା ବାନ୍ଧି ଥିବା ପାଶ୍ଚାତ୍ୟ ସଭ୍ୟତାର ଛାପକୁ ବିଲୁପ୍ତ କରି ଧର୍ମ ଓ ଆଧ୍ୟାତ୍ମିକ ମାର୍ଗରେ ପରିଚାଳିତ ହେବା ଦିଗରେ ଯତ୍ନବାନ ହେବାକୁ ପ୍ରୟାସ କରିବା ଜରୁରୀ ହୋଇପଡ଼ିଛି । ଭାରତୀୟ ସଂସ୍କୃତିର ମହାନ ପର୍ବ, ଲୋକ କଳା, ସଂସ୍କୃତି ଓ ପରମ୍ପରାକୁ ବଂଚାଇ ରଖିବା ପାଇଁ କଳା, ସଂସ୍କୃତି ଓ ପରମ୍ପରାର ରାଜ୍ୟ ଓଡ଼ିଶା ତଥା ଭାରତ ବର୍ଷର ଭବିଷ୍ୟତ ପିଢି ମାନେ ଏବେ ଠାରୁ ସଜାଗ ନ ହେଲେ ସର୍ବ ପ୍ରାଚୀନ ସଂସ୍କୃତି ଓ ପରମ୍ପରାକୁ ଜନମାନସର ଚିତ୍ରପଟରେ ଅଦୃଶ୍ୟ ହୋଇଯିବ ଏଥିରେ ଦ୍ୱିମତ ନାହିଁ । ଭାରତୀୟ ପ୍ରାଚୀନ ଲୋକନୃତ୍ୟ, ଲୋକ କଳା, ସଂସ୍କୃତି ଓ ପରମ୍ପରା ଉଜ୍ଜୀବିତ ରଖିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଯତ୍ନବାନ ହୋଇ ଏହାର ପୁନରୁଦ୍ଧାର ପାଇଁ କାର୍ଯ୍ୟ କରିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି । ଏବେ ସବୁଠି ଉତ୍ସବ ମୁଖର ।

# ଆତ୍ମାର ଚିରନ୍ତନ ବନ୍ଧନ

## ॥ ବିଷ୍ଣୁ ପ୍ରସାଦ ଦାସ ॥

ଆଜିର ସମୟରେ ଖବରକାଗଜର ପୃଷ୍ଠା ହେଉ କିମ୍ବା ଟିଭି ପରଦା, ସବୁଠି ପ୍ରେମ, ପ୍ରତାରଣା ଓ ହତ୍ୟାର କରୁଣ ଚିତ୍ର ଦେଖିବାକୁ ମିଳୁଛି । ଆଧୁନିକ ମଣିଷ ନିଜର ସ୍ୱାର୍ଥ ଓ ଅଭିଳାଷ ପୂରଣ ପାଇଁ ପ୍ରେମ ଭଳି ଏକ ପବିତ୍ର ସମ୍ପର୍କକୁ ଅସ୍ତ୍ର କରୁଛି ଏବଂ ଶେଷରେ ସେହି ସ୍ୱାର୍ଥ ହାସଲ ପରେ ପ୍ରତାରଣା ଓ ହତ୍ୟା ଭଳି ଅମାନବୀୟ କାଣ୍ଡ ଘଟାଇବାକୁ ପଛାଉ ନାହିଁ । ଉନ୍ନତ ମସ୍ତିଷ୍କର ଅଧିକାରୀ କୁହାଯାଉଥିବା ମଣିଷ ଆଜି ନିଜ ଆଚରଣରେ ପଶୁଠାରୁ ବି ହୀନ ହୋଇ ଯାଉଥିବା ବେଳେ, ପଶୁପକ୍ଷୀଙ୍କ ଦୁନିଆରେ ଦୟା, କ୍ଷମା ଓ ନିଷ୍ପାପର ପ୍ରେମର ଅନେକ ଅପୂର୍ବ ଉଦାହରଣ ଦେଖିବାକୁ ମିଳୁଛି । ଅତୀତର ସେହି କାମନା-ବାସନା ରହିତ ପବିତ୍ର ପ୍ରେମ ଗଳ୍ପ ଆଜି ମାନବ ସମାଜରେ ବିରଳ ହୋଇ ପଡ଼ିଛି । ଏହି ପରିପ୍ରେକ୍ଷୀରେ, ଦୁଇଟି ପକ୍ଷୀଙ୍କର ଏକ ସତ୍ୟ ଓ କାଳଜୟୀ ପ୍ରେମ କାହାଣୀ ମଣିଷ ସମାଜକୁ ଆଇନା ଦେଖାଇବା ପାଇଁ ଯଥେଷ୍ଟ ।

୧୯୯୩ ମସିହାର କଥା । ଦକ୍ଷିଣ-ପୂର୍ବ ୟୁରୋପର କ୍ରୋଏସିଆ ଦେଶର ଏକ ଛୋଟ ଗାଁ 'ବ୍ରଡସ୍କି'ରେ ରହୁଥିଲେ ଷ୍ଟିପାନ୍ ଭୋକିକ୍, ଯିଏ ଜଣେ ସ୍କୁଲ୍ କର୍ମଚାରୀ ଥିଲେ । ଦିନେ ମାଛ ଧରିବା ସମୟରେ ତାଙ୍କୁ ଜଣେ ନିଷ୍ଠୁର ଶିକାରୀର ଗୁଳିରେ ଆହତ ହୋଇଥିବା ଏକ ମାଈ ସାରସ (ହଂସବକ) ପକ୍ଷୀ ମିଳିଲା । ଗୁଳି ବାଜି ତା'ର ଡେଣାର ହାଡ଼ ଭାଙ୍ଗି ଯାଇଥିଲା । ଷ୍ଟିପାନ୍ ତାକୁ ଦୟାର୍ଦ୍ର ହୋଇ ନିଜ ଘରକୁ ଆଣିଲେ ଏବଂ ଅତ୍ୟନ୍ତ ସ୍ନେହର ସହ ତା'ର ସେବା ଶୁଶ୍ରୂଷା କଲେ । ସେ ସୁସ୍ଥ ତ' ହେଲା, କିନ୍ତୁ ତା'ର ଉଡ଼ିବାର ଶକ୍ତି ଚିରଦିନ ପାଇଁ ଚାଲିଗଲା । ଷ୍ଟିପାନ୍ ତାକୁ ନିଜ ଝିଅ ଭଳି ସ୍ନେହ କଲେ ଏବଂ ଆଦରରେ ତାର ନାମ ରଖିଲେ 'ମାଲେନା' । ସେ ମାଲେନା ପାଇଁ ନିଜ ଘର ଛାତ ଉପରେ ଏକ ସୁନ୍ଦର ବସା ତିଆରି କରିଦେଲେ । ଦୁହିଁଙ୍କ ଭିତରେ ଏଭଳି ଏକ ଅନାବିଳ ଆତ୍ମୀୟତା ଗଢ଼ିଉଠିଲା ଯେ ସେମାନେ ପରସ୍ପରକୁ ଛାଡ଼ି ମୁହୂର୍ତ୍ତେ ବି ରହିପାରୁ ନଥିଲେ । ଦିନସାରା ମାଲେନା ଛାତ ଉପର ବସାରେ ରହୁଥିବା ବେଳେ ରାତିରେ ଷ୍ଟିପାନ୍‌ଙ୍କ ସହ ଘର ଭିତରେ ଶୋଉଥିଲା ।

ସମୟର ଚକ୍ର ଖୁବ୍ ଶୀଘ୍ର ଘୂରିଗଲା ଏବଂ ମାଲେନା ଏକ ସୁନ୍ଦର ପୂର୍ଣ୍ଣାଙ୍ଗ ପକ୍ଷୀରେ ପରିଣତ ହେଲା । ୨୦୦୧ ମସିହାରେ ବସନ୍ତ ଋତୁର ଏକ ମଧୁର ସକାଳେ ଷ୍ଟିପାନ୍ ଦେଖିଲେ ଯେ, ଏକ ଅଣ୍ଡିରା ସାରସ ପକ୍ଷୀ ଆସି ମାଲେନା ପାଖରେ ବସିଛି । ଦୁହେଁ ନିଜ ଭାଷାରେ ମନର କଥା ହେଉଛନ୍ତି ଏବଂ ପ୍ରେମରେ ଥଂଟକୁ ଥଂଟ ଘଷୁଛନ୍ତି । ଷ୍ଟିପାନ୍ ଏହା ଦେଖି ଆନନ୍ଦିତ ହେଲେ ଏବଂ ସେହି ଅଣ୍ଡିରା ପକ୍ଷୀର ନାମ ରଖିଲେ 'କ୍ଲେପେଟାନ୍' । କ୍ଲେପେଟାନ୍ ମାଲେନା ପାଇଁ ନଦୀରୁ ମାଛ ଧରି ଆଣୁଥିଲା, ସର୍ବଦା ତା'ର ଛାୟା ଭଳି ପାଖେ ପାଖେ ରହୁଥିଲା । ପ୍ରକୃତିର ନିୟମ ଅନୁଯାୟୀ ସେମାନଙ୍କର ମିଳନ ହେଲା ଏବଂ ସେମାନଙ୍କ ସଂସାର ବେଶ୍ ହସଖୁସିରେ ଚାଲିଲା ।

କିନ୍ତୁ ସୁଖର ଦିନ ସଦାସର୍ବଦା ରହେ ନାହିଁ । ଶୀତ ଋତୁ ଆସିବା ପୂର୍ବରୁ ଦିନେ ହଠାତ୍ କ୍ଲେପେଟାନ୍ ମାଲେନାକୁ ଛାଡ଼ି କେଉଁଆଡ଼େ ଚାଲିଗଲା । ସାଥୀର ବିରହରେ ମାଲେନା ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଲା, ଖିଆପିଆ ଛାଡ଼ିଦେଲା । ଷ୍ଟିପାନ୍ ଏହା ଦେଖି ଚିନ୍ତିତ ହେଲେ ଏବଂ ପ୍ରଥମେ କ୍ଲେପେଟାନ୍‌କୁ ଜଣେ ପ୍ରତାରକ ଭାବି ନିନ୍ଦା କଲେ । କିନ୍ତୁ ସମୟ ବଦଳିବା ସହ ମାଲେନା ନିଜକୁ ସମ୍ଭାଳି ନେଲା । ଧୀରେ ଧୀରେ ମାସ ଓ ବର୍ଷ ବିତିଗଲା । ଠିକ୍ ପରବର୍ତ୍ତୀ ବସନ୍ତରେ ଆଶ୍ଚର୍ଯ୍ୟଜନକ ଭାବେ କ୍ଲେପେଟାନ୍ ପୁଣି ମାଲେନା ପାଖକୁ ଫେରିଆସିଲା । ମାଲେନାର ଖୁସି କହିଲେ ନସରେ, ଦୁହେଁ ଆନନ୍ଦରେ ନାଚି ଉଠିଲେ । ଏହିପରି ପ୍ରତିବର୍ଷ ହେବାକୁ ଲାଗିଲା— ଶୀତରେ କ୍ଲେପେଟାନ୍ ଚାଲିଯାଏ ଏବଂ ବସନ୍ତରେ ପୁଣି ଫେରିଆସେ । ଷ୍ଟିପାନ୍ ଏହାର କାରଣ ଖୋଜିବା ପରେ ଏକ ବିସ୍ମୟକର ସତ୍ୟ ସାମ୍ନାକୁ ଆସିଲା ।

ପ୍ରତିବର୍ଷ ଶୀତ ଦିନେ ସାରସ ପକ୍ଷୀମାନେ ୟୁରୋପରୁ ହଜାର ହଜାର କିଲୋମିଟର ଦୂର ସୁଦୂର ଦକ୍ଷିଣ ଆଫ୍ରିକାର କେପ୍ ଟାଉନ୍‌କୁ ଦେଶାନ୍ତର ଗମନ (Migration) କରନ୍ତି । ମାଲେନା ଅକ୍ଷମ ଥିବାରୁ ସେ ଉଡ଼ିପାରୁ ନଥିଲା, କିନ୍ତୁ କ୍ଲେପେଟାନ୍ ନିଜ ସାଥୀର ପ୍ରେମ ପାଇଁ ପ୍ରତିବର୍ଷ ପ୍ରାୟ ୧୩,୦୦୦ କିଲୋମିଟରର ବିପଜ୍ଜନକ ଆକାଶ ପଥ ଅତିକ୍ରମ କରି କେବଳ ତା ପାଖକୁ ଫେରି ଆସୁଥିଲା । ଏହି ଅପୂର୍ବ ପ୍ରେମ କାହାଣୀ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟି ଗଲା ।

ଦୀର୍ଘ ୧୬ ବର୍ଷ ଧରି ଏହି ମଧୁର ସମ୍ପର୍କ ଚାଲିବା ପରେ, ୨୦୧୭ ମସିହାରେ କ୍ଲେପେଟାନ୍ ନିର୍ଦ୍ଦିଷ୍ଟ ସମୟରେ ଫେରିଲା ନାହିଁ । ମାଲେନା ଆକାଶକୁ ଚାହିଁ ରହି ବିକଳ ଡାକ ଦେଉଥିଲା । ଅନାବିଳ ପ୍ରେମର ବନ୍ଧନରେ ବାନ୍ଧି ହୋଇଥିବା ପ୍ରେମୀ ଯୁଗଳ ଅଲଗା ହୋଇ ରହିବା ଖୁବ୍ କଷ୍ଟ ଦାୟକ । ଷ୍ଟିପାନ୍ ମାଲେନା ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟି ଯାଇଛନ୍ତି । ଋତୁ ବଦଳିଛି ଦଳ ଦଳ ବିଦେଶାଗତ ପକ୍ଷୀ କେଟେରେ ମେଟେର ଶବ୍ଦ କରି ଆକାଶ ଦେଇ ଉଡ଼ି ଯାଉଛନ୍ତି... ମାଲେନା ଷ୍ଟିପାନ୍‌ଙ୍କ ଛାତ ଉପରେ ବସି ଅପଲକ ନୟନରେ କ୍ଲେପେଟାନ୍‌କୁ ଖୋଜି ଚାଲିଛି । ଷ୍ଟିପାନ୍ ଅନୁସନ୍ଧାନରୁ ଜାଣିବାକୁ ପାଇଲେ ଯେ, ଲେବନାନ ଓ ଲିବିଆ ଭଳି ଦେଶ ଉପର ଦେଇ ପକ୍ଷୀମାନେ ଉଡ଼ିଯିବା ବେଳେ ଶିକାରୀମାନେ ଅବୈଧ ଭାବେ ସେମାନଙ୍କୁ ଶିକାର କରୁଛନ୍ତି । ମାଲେନାର ଦୁଃଖ ଦେଖି ନପାରି ଷ୍ଟିପାନ୍ ମାଲେନାର ଗୋଟିଏ ଝଡ଼ି ପଡ଼ିଥିବା ପରକୁ କଲମ କରି ଲେବନାନର ସରକାରଙ୍କୁ ଏକ ଅତ୍ୟନ୍ତ ଭାବପ୍ରବଣ ଚିଠି ଲେଖିଲେ । ସେଥିରେ ସେ ଏହି ଦୁଇ ପକ୍ଷୀଙ୍କ ପ୍ରେମ କାହାଣୀ ବର୍ଣ୍ଣନା କରି ପକ୍ଷୀ ଶିକାର ରୋକିବାକୁ ଅନୁରୋଧ କରିଥିଲେ । ଏହି ଚିଠି ବିଶ୍ୱବ୍ୟାପୀ ପକ୍ଷୀ ପ୍ରେମୀଙ୍କ ଉପରେ ଘୋର ରେଖାପାତ କରିଥିଲା ଏବଂ ସେହି ଦେଶରେ ବିଦେଶୀ ପକ୍ଷୀ ଶିକାର ଉପରେ କଡ଼ା କଟକଣା ଲଗାଗଲା । କିଛି ଦିନର ବିଳମ୍ବ ପରେ, ମୃତ୍ୟୁମୁଖରୁ ରକ୍ଷାର ପାଇ କ୍ଲେପେଟାନ୍ ପୁଣି ତା'ର ପ୍ରିୟତମା ମାଲେନା ପାଖକୁ ଫେରି ଆସିଲା ।

ବର୍ଷ ବର୍ଷ ଧରି ଏହି ଦୁଇ ପ୍ରେମୀ ପକ୍ଷୀ ଅନେକ ଶାବକଙ୍କୁ ଜନ୍ମ ଦେଇ ସେମାନଙ୍କୁ ଉଡ଼ିବା ଶିଖାଇଲେ । ସେହି ଶାବକମାନେ କ୍ଲେପେଟାନ୍ ସହ ଦକ୍ଷିଣ ଆଫ୍ରିକା ଉଡ଼ି ଯାଉ ଥିଲେ ମଧ୍ୟ ମାଲେନା ନିଜ କର୍ତ୍ତବ୍ୟ କରି ଚାଲିଥିଲା । କିନ୍ତୁ ଜୀବନର ଚିରନ୍ତନ ସତ୍ୟ ମୃତ୍ୟୁକୁ କେହି ଏଡ଼ାଇ ପାରିବେ ନାହିଁ । ବୟସାଧିକ କାରଣରୁ ଅସୁସ୍ଥ ହୋଇ ମାଲେନା ୦୭ ଜୁଲାଇ ୨୦୨୧ରେ ଚିରଦିନ ପାଇଁ ଆଖି ବୁଜିଲା । ତାର ମୃତ୍ୟୁ ସହ ଏକ ଐତିହାସିକ ପ୍ରେମ କାହାଣୀର ଅନ୍ତ ଘଟିଲା, ଯାହା ସାରା ପୃଥିବୀକୁ ପ୍ରେମର ପ୍ରକୃତ ସଂଜ୍ଞା ବୁଝାଇ ଦେଇଗଲା ।

ଆଜିର ଆଧୁନିକ ମନୁଷ୍ୟ ମାନଙ୍କୁ ଏକ ବଡ଼ ପ୍ରଶ୍ନ — ଆମେ ଆଜି କେଉଁଠି ପହଂଚିଛୁ ? ଯେଉଁଠି ମଣିଷ ଭିତରୁ ସ୍ନେହ, ଦୟା, ନିଷ୍ଠା ଓ ସହାନୁଭୂତି ଉଭେଇ ଯାଇଛି । ସେ କେବଳ କାମନା, ଲୋଭ ଓ କପଟତାର ବଶବର୍ତ୍ତୀ ହୋଇଛି । ଦୁଇଟି ପକ୍ଷୀ ଦେଖାଇଦେଲେ ଯେ, ପ୍ରେମ ହେଉଛି ତ୍ୟାଗ, ବିଶ୍ୱାସ ଓ ସମର୍ପଣର ଅନ୍ୟ ନାମ । ଅନ୍ୟକୁ ପ୍ରତାରଣା କରି ନିଜର ସ୍ୱାର୍ଥ ହାସଲ କରୁଥିବା ବ୍ୟକ୍ତି ଈଶ୍ୱରଙ୍କ ଦରବାରରେ ନିଶ୍ଚିତ ଦଣ୍ଡ ପାଇବେ । ପ୍ରେମ ହିଁ ସତ୍ୟ, ପ୍ରେମ ହିଁ ଶିବ, ପ୍ରେମ ହିଁ ସୁନ୍ଦର । ହଜାର ହଜାର କିଲୋମିଟର ପଥ ଅତିକ୍ରମ କରି କେବଳ ସାଥୀର ସ୍ନେହ ପାଇଁ ଫେରି ଆସୁଥିବା ସେହି ପକ୍ଷୀ ଯୁଗଳଙ୍କ ଠାରୁ ଆଜିର ସ୍ୱାର୍ଥପର ମଣିଷ ସମାଜର ବହୁତ କିଛି ଶିଖିବାର ଅଛି । ସମ୍ପର୍କ କେବଳ ଶାରୀରିକ ବା ସ୍ୱାର୍ଥର ଆଧାର ନୁହେଁ, ଏହା ଦୁଇଟି ଆତ୍ମାର ଚିରନ୍ତନ ବନ୍ଧନ । କେବଳ ଉପଭୋଗ ପାଇଁ ନୁହେଁ, ବରଂ ନିଜର କର୍ତ୍ତବ୍ୟ, ଦାୟିତ୍ୱ ଏବଂ ପରିବାର ପ୍ରତି ସ୍ନେହରେ ହିଁ ଏହାର ପ୍ରକୃତ ସାର୍ଥକତା ରହିଛି । ପ୍ରକୃତି ସର୍ବଦା ମଣିଷକୁ ନିସ୍ୱାର୍ଥପର ହେବାକୁ ଶିଖାଏ, କିନ୍ତୁ ମଣିଷ ନିଜ ସ୍ୱାର୍ଥ ଆଗରେ ଅନ୍ଧ ହୋଇଯାଏ ।

*ସ୍ନେହ କୁଟୀର, ଝଞ୍ଜିରୀ ମଙ୍ଗଳା, କଟକ ୭୫୩୦୦୯*
*ମୋ: ୯୯୩୭୧୭୪୦୯୭*

# ମୁକ୍ତି ମଣ୍ଡପ :ଜ୍ଞାନ ଠାରୁ ଶାସ୍ତ୍ର, ଜୀବନ ଠାରୁ ମୁକ୍ତି...

## ॥ ବିକ୍ରମ ମହାପାତ୍ର ॥

ବଡ଼ଦେଉଳର ଜଗମୋହନର ଦକ୍ଷିଣ ଦ୍ୱାର ଆଗରେ ମୁକ୍ତିମଣ୍ଡପ । ମଣ୍ଡପର ୩୮ ଫୁଟ, ଓସାର ୩୮ ଫୁଟ । ଷୋଳଟି ଖମ୍ବ ଉପରେ ପୀଢ଼ ଛାତ ଗଢ଼ା ହୋଇଛି । ଏହି ମଣ୍ଡପରେ ବ୍ରାହ୍ମଣମାନେ ସଭା କରି ବ୍ୟବସ୍ଥା ଦେଉଥିଲେ । ପ୍ରତାପରୁଦ୍ରଙ୍କ ଅମଳରେ (ଷୋଡ଼ଶ ଶତାବ୍ଦୀ)ରେ ଏହି ମଣ୍ଡପଟି ତିଆରି ହେଉଥିବାର ଜଣାଯାଏ । ମାଦଳାପାଞ୍ଜିରେ ଲେଖା ଅଛି, ରାମଚନ୍ଦ୍ର ଦେବଙ୍କ ଅଙ୍କେ ମାନସିଂହଙ୍କ ଭାର୍ଯ୍ୟା ଗୌରାରାଣୀ ବଡ଼ଦେଉଳ ମୁକୁତି ମୋକ୍ଷପ ଗଢ଼ାଇଲେ । ରାଜା ମାନସିଂହ ଦିଲ୍ଲୀ ସମ୍ରାଟ ଆକବରଙ୍କର ମନ୍ତ୍ରୀ ଥିଲେ, ସେ ଓଡ଼ିଶାକୁ ଆସି ଖୋର୍ଦ୍ଧା ସିଂହାସନ ସମ୍ପର୍କରେ ଯେଉଁ ବିବାଦ ହୋଇଥିଲା, ତାର ନିଷ୍ପତ୍ତି କରିଥିଲେ । ଭୋଇବଂଶର ରାମଚନ୍ଦ୍ର ଦେବଙ୍କୁ ରାଜା ବୋଲି ଘୋଷଣା କରିଥିଲେ । ଖ୍ରୀ:୧୫୮୦ରେ ଏହି ମଣ୍ଡପ ତିଆରି ହୋଇଥିଲା । ପୁରୁଣା ମଣ୍ଡପ ଜୀର୍ଣ୍ଣ ହୋଇଯାଇ ଥିବାରୁ ନୂଆ ମଣ୍ଡପ ନିର୍ମାଣ କରିଥିଲେ । ଏହିଠାରେ ଠାକୁରଙ୍କର ଝୁଲଣ ଯାତ୍ରା ହୁଏ । ମୁକ୍ତିମଣ୍ଡପ ପଣ୍ଡିତ ସଭାର ଅଧିବେଶନ ମୁଖ୍ୟତଃ ଏହି ସ୍ଥାନରେ ବସେ । ମୁକ୍ତିମଣ୍ଡପର ପୁସ୍ତକାଗାରି ଲକ୍ଷ୍ମୀ ମନ୍ଦିର ନିକଟରେ ଏହି ମନ୍ଦିରର ଦକ୍ଷିଣକୁ ଅଛି । ଏଠାରେ ବହୁ ପ୍ରାଚୀନ ଶ୍ରୁତି, ସ୍ମୃତି, ପୁରାଣାଦି ଗ୍ରନ୍ଥ ଅଛି । ବହୁ ମୂଲ୍ୟବାନ ତାଳପତ୍ର ପୋଥି ମଧ୍ୟ ଅଛି । ଦେଶରେ ଯେତେବେଳେ କୌଣସି ଅଶୁଭ ସୂଚନା ଦେଖାଯାଏ, ମୁକ୍ତିମଣ୍ଡପ ତରଫରୁ ମୁକ୍ତିମଣ୍ଡପରେ ଏକ ଜରୁରୀ ଅଧିବେଶନ ଡକାଯାଏ ।

ପୁରୀ ସହରର ଅନେକ ପଣ୍ଡିତ, ବ୍ରହ୍ମଚାରୀ, ସନ୍ନ୍ୟାସୀ ଓ ପୁରୀ ଜିଲ୍ଲା ଶାସନୀ ବ୍ରାହ୍ମଣମାନେ ଶ୍ରୀମନ୍ଦିର ଦେଉଳକରଣିଆ ଓ ବ୍ରାହ୍ମଣ ସେବକମାନେ ମୁକ୍ତି ମଣ୍ଡପ ଉପରେ ବସି ନାନାଦି ମହୋଦୟ ଓ ମୟୂରଚିତ୍ର ପୋଥିରେ ଉଲ୍ଲେଖ ଥିବା ଅଶୁଭ ସୂଚନା ଓ ପ୍ରତିକାର ଅନୁସାରେ କିପରି ଭାବରେ ଓ କେତେ ଟଙ୍କା ବ୍ୟୟରେ ଶାନ୍ତି ସ୍ଥାପନାର୍ଥେ ହୋମ ଯଜ୍ଞ ଓ ନବଗ୍ରହ ପୂଜା କରାଯାଇ ପାରିବ, ତାହାର ଏକ ଖସଡ଼ା ତିଆରି କରି ମନ୍ଦିର ପରିଚାଳକ ପରିଛାଙ୍କୁ ଦିଅନ୍ତି ଓ ମନ୍ଦିର ପାଣ୍ଠିରୁ ଏହି ଖର୍ଚ୍ଚ ବହନ କରାଯାଏ । ବର୍ତ୍ତମାନ ସରକାର ଏହି ଖର୍ଚ୍ଚ ବହନ କରୁଅଛନ୍ତି । ମନ୍ଦିର ପରିଚାଳନାରେ କିପରି ଶୃଙ୍ଖଳା ରକ୍ଷା କରାଯାଇପାରିବ, ଏହି ସଭାର ନିଷ୍ପତ୍ତି ମନ୍ଦିରର ପରିଛାଙ୍କୁ ଲିଖିତ ଭାବରେ ଜଣାଇ ଦିଆଯାଉଥିଲା ।

କୌଣସି ସେବକ କର୍ତ୍ତବ୍ୟରେ ଅବହେଳା କଲେ, କିପରି ଭାବରେ ଦଣ୍ଡନୀୟ ହେବେ, ତାହା ମଧ୍ୟ ଉକ୍ତ ସଭାର ନିଷ୍ପତ୍ତି ମନ୍ଦିରପରିଛାଙ୍କୁ ଜଣାଇ ଦିଆଯାଉଥିଲା । ସେବକମାନେ ଖଟଣି ଓ ପାକ ସାମଗ୍ରୀ ସଂଗ୍ରହରେ ବ୍ୟତିକ୍ରମ କଲେ, କଠୋର ଦଣ୍ଡ ପାଇବେ ବୋଲି ନିୟମ ଥିବା ସ୍ଥଳେ ବର୍ତ୍ତମାନ ଦେଖାଯାଉଛି ଯେ ଯେଉଁ ନୀତି ପ୍ରାତଃକାଳରେ ହେବାର ବିଧି ସେଗୁଡ଼ିକ ମଧ୍ୟାହ୍ନ ସମୟରେ ହେଉଅଛି । ଏପରିକି ଅନେକ ଦୈନିକ ନୀତି ମଧ୍ୟ କାଟ ଖାଉଯାଉଥିବାର ଲକ୍ଷ୍ୟ କରାଯାଉଅଛି । ପୂର୍ବ ପ୍ରଚଳିତ ପନ୍ଥାନୁସାରେ, ମୁକ୍ତିମଣ୍ଡପ ସଭାର ନିଷ୍ପତ୍ତି ଗୁଡ଼ିକ ସରକାରଙ୍କ ଠାରେ ପହଂଚାଇବା ଦରକାର ପଡୁଛି ଓ ସେଗୁଡ଼ିକ ଶୃଙ୍ଖଳା ରକ୍ଷା କରିବା ପାଇଁ ସରକାର କାର୍ଯ୍ୟକାରୀ କରାଇବା ଉଚିତ । ଆମେ ତତ୍କାଳୀନ ପୁରୀ କଲେକ୍ଟର ଗ୍ରୋମ ସାହେବଙ୍କ ଶାସନ କାଳ ଅର୍ଥାତ୍ ଖ୍ରୀ: ୧୮୦୫ରେ ପ୍ରକାଶିତ ରିପୋର୍ଟ ପାରା ୧୭, ୨୦, ୨୨, ୨୩ ଓ ୨୪ରୁ ତଥ୍ୟ ସଂଗ୍ରହ କରିଥିଲୁ । ପରମ ଉପାସ୍ୟ, ବିଶ୍ୱବନ୍ଦନୀୟ, ଜଗତର ନାଥ ନିୟନ୍ତା ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି, ପ୍ରଦୀପ ମାଧ୍ୟମରେ ନିଜ ଅନ୍ତରର ସମସ୍ତ ଭାବନା ତାଙ୍କରିଠାରେ ଅଜାଡ଼ି ଦେଇ ମନକୁ ଦିବ୍ୟାଲୋକରେ ପ୍ରକ୍ଷାଳିତ କରି ଭିତର ଗମ୍ଭୀରରୁ ବାହାରି ଆସିଲେ ଦେଖାଯାଏ ବହୁ ଚୂନ୍ୟକ ଶୋଭିତ ମୁକ୍ତି ମଣ୍ଡପ । ରାଜା ଠାରୁ ଝଟିଖିଆ ନିଷ୍ପେଷିତ ଦିନ ମଜୁରିଆ ପର୍ଯ୍ୟନ୍ତ ସବୁ ଦର୍ଶନାର୍ଥୀ ସେଇ ମଣ୍ଡପ ପାଖକୁ ଯାଇ ମୁଣ୍ଡ ନୁଆଁଇ ବିନମ୍ର ପଣାମ ଜଣାଇଥାନ୍ତି । ଧର୍ମ ଅର୍ଥ କାମ ମୋକ୍ଷ ଚତୁଃବର୍ଗର ଆଶୀର୍ବାଦ କାମନା କରି । ଦେବତା ଏବଂ ବ୍ରାହ୍ମଣ ମାନଙ୍କ ମଧ୍ୟରେ ବିଶ୍ୱନିୟନ୍ତାଙ୍କର ଆଶୀର୍ବାଦ ପ୍ରାପ୍ତିର ସେ କାମନା ।

ସେତେବେଳେ ମନର ଭାବନା ବିଶ୍ୱଜନ ହିତାୟ ବିଶ୍ୱଜନ ସୁଖାୟ । ସେଥିପାଇଁ ଭାରତର ବିଭିନ୍ନ ସମୟର ରାଷ୍ଟ୍ରପତି, ନେପାଳର ରାଜା ପ୍ରଭୃତି ରାଷ୍ଟ୍ରମୁଖ୍ୟମାନେ ମଧ୍ୟ ବିଭିନ୍ନ ସମୟରେ ଏଠି ଆଶୀର୍ବାଦର ପ୍ରାର୍ଥୀ ହୋଇଛନ୍ତି । ଦେବପୂଜା ଉପାସନା ବ୍ରତ ଜପ ଆଦି ତପଶ୍ଚର୍ଯ୍ୟା ମାଧ୍ୟମରେ ଶ୍ରୋତ୍ରୀୟ ବ୍ରାହ୍ମଣମାନେ ଏଥିପାଇଁ କ୍ଷମ ହୋଇଥାଆନ୍ତି । ମୋଟ ଉପରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ସନାତନ ସଂସ୍କୃତିରେ ବିଶ୍ୱାସୀ ବ୍ୟକ୍ତିମାନଙ୍କ ପାଇଁ ବନ୍ଧୁ, ଦାର୍ଶନିକ ତଥା ପଥପ୍ରଦର୍ଶକ ରୂପେ କାମ କରି ତାର ଉଦ୍ଦେଶ୍ୟ ବଜାୟ ରଖି ଆସିଛି ।

*ଜ୍ୟୋତ୍ସ୍ନା ପର୍ଣ୍ଣଚର୍ଯ୍ୟ, ଚଣ୍ଡୀମନ୍ଦିର ମାର୍ଗ, କଟକ-୧*
*ଦୂରଭାଷ : ୯୪୩୭୦୨୧୬୧୫*

# ତୁମ ଠୁ ଆରମ୍ଭ, ତୁମଠି ଶେଷ

## ॥ ପ୍ରଫେସର ଡାକ୍ତର ସମ୍ରାଟ କର ॥

ହେ ମହାପ୍ରଭୁ ! ତୁମେ ହିଁ ସୃଷ୍ଟି, ତୁମେ ହିଁ ସ୍ରଷ୍ଟା । ତୁମଠୁ ଆରମ୍ଭ, ତୁମଠି ଶେଷ । ଅନନ୍ତ ରହସ୍ୟ, ଅନ୍ତହୀନ ବିଶ୍ୱାସ । ଅଗତିର ଗତି ପ୍ରଭୁ, ଦୀନବନ୍ଧୁ ଦଇତାରି । ତୁମେ ଦେବତା ହେଲେ ମଧ୍ୟ ତୁମ ଭିତରେ ପୂରି ରହିଛି ତମାମ ମଣିଷ ପଣିଆ । ଆମପରି ତୁମେ ବି ବଡ଼ି ଭୋରରୁ ଉଠ, ସ୍ନାନ, ମାଜଣା କର ସକାଳଠୁ ବିଶ୍ରମକୁ ଯିବା ପର୍ଯ୍ୟନ୍ତ ଛାଠିଏ ପଉଟି ଭୋଗ ନୈବେଦ୍ୟ ହୋଇଥାଏ । ରାତିରେ ନିଦ ଯାଅ ଆଉ ବର୍ଷର ବିଭିନ୍ନ ଋତୁ ଅନୁଯାୟୀ କେବଳ ବେଶ ବଦଳାଇ ନଥାଅ ବରଂ ଭିନ୍ନ ଭିନ୍ନ ପୋଷାକ ପିନ୍ଧ ଆଉ ଆଚରଣରେ ତ ସେ ଠିକ ଆମ ଭଳି । ସେ ହେଉଛନ୍ତି ଦଇତା ମାନଙ୍କର ଜ୍ଞାତି, ବନ୍ଧୁ ଆଉ କୁଟୁମ୍ବ ଓ ସହୋଦର । ଠିକ ଏଇଥିପାଇଁ ତୁମର ନବକଳେବର ସମୟରେ ଦଇତାମାନେ ତୁମ ନିମିତ ଶୌଚ ହୁଅନ୍ତି, ଶୁଦ୍ଧିକ୍ରିୟା ପାଳନ କରିଥାନ୍ତି ସତରେ ମଣିଷରୂପୀ ଏପରି ଦେବତା ସମଗ୍ର ବିଶ୍ୱରେ ବିରଳ ।

ତୁମେ ଓଡ଼ିଆ ଜାତିର କୁଳ ଦେବତା । ଆମ ସତା, ଭାବ, ଭକ୍ତି, ଶକ୍ତି, ଶ୍ରୀଜଗନ୍ନାଥ । ହେ ଦାରୁ ଦେବତା ! ସବୁ ତୁମରି ଲୀଳା । ତୁମେ ଇଚ୍ଛା କଲ, ଶବର ଦେବତାରୁ ହେଲ ବିଶ୍ୱ ନିୟନ୍ତା । ଆଜି ତୁମରି ଇଚ୍ଛାରେ ବିଶ୍ୱ ଦେଖୁଛି ନୂଆ ଶ୍ରୀକ୍ଷେତ୍ର । କାଳିଆ ସାଆନ୍ତ, ତୁମେ ଭକ୍ତର ଭଗବାନ । ରତ୍ନ ସିଂହାସନରେ ତୁମ ଦର୍ଶନ ପାଇଁ ପୁରୀ ଧାଇଁ ଆସେ ଭକ୍ତ । ଦର୍ଶନ କରେ, ମନ ପୁରେନି । ଅଭାବବୋଧକୁ ଧରି ଘରକୁ ଫେରେ ।

କଥା କହିବା, ଜନ୍ମ ଯନ୍ତ୍ରଣା ସହିବା ଆଉ ଜୀବନ ବୋଝ ବୋହିବା ପାଇଁ ଯିଏ ଶକ୍ତି ଦିଏ, ଜୀବନ ଡଙ୍ଗା ବାହିବା ପାଇଁ ଯିଏ ବଳ ଦିଏ ଜୀବନ ଚକ୍ରକୁ ମୁକ୍ତି ନିମିତ ଯିଏ ମାର୍ଗ ଦେଖାଇଥାଏ ସିଏ ହେଉଛନ୍ତି ଶଙ୍ଖନାଭି ମଣ୍ଡଳରେ ରହିଥିବା ଜଗନ୍ନାଥ । କବିର କବିତାରେ, ନାଟକର ସଂଳାପରେ, ଧାରାବାହିକ ଭାସ୍ୟକାରଙ୍କ ଭାବ ବିଶ୍ଳେଷଣରେ ସବୁଠି, ସବୁ କ୍ଷେତ୍ରରେ, ସବୁ ରୂପରେ, ସବୁ ଭାବରେ ତାଙ୍କ କରୁଣାର ଧାରା ପ୍ରବାହିତ ହୋଇଥାଏ । ମହାକୁମ୍ଭ ଘାଟରୁ ଦୁନିଆର ହାଟ ପର୍ଯ୍ୟନ୍ତ ଯାହାଙ୍କ ମହିମା, କରୁଣା, ଲୀଳା ବିସ୍ତାରିତ ସେ ହେଉଛନ୍ତି ଆମ କୋଟି ଓଡ଼ିଆଙ୍କ ଆରାଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥ । ଓଡ଼ିଶାର ସାମାଜିକ ଜୀବନ ଚେତନାରେ ସବୁଠି, ସବୁକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କ ପ୍ରଭାବ ସୁଦୂର ପ୍ରସାରୀ । ଓଡ଼ିଶାର ଜାତୀୟ ଦେବତା ଭାବରେ ଗୃହୀତ ହେବା ପରେ ଜଗନ୍ନାଥ ଏକ ସର୍ବବ୍ୟାପୀ ଚେତନା ହୋଇ କୋଟି ଓଡ଼ିଆଙ୍କ ମାନସରେ ପ୍ରସାର ଲାଭ କରିଛନ୍ତି । ଯାହାଦ୍ୱାରା ତାଙ୍କ ପବିତ୍ର ନାମଟି ତୁଣ୍ଡରେ ଧରିବା ମାତ୍ରେ ପ୍ରତ୍ୟେକ ଓଡ଼ିଆଙ୍କ ପ୍ରାଣରେ ଖେଳିଯାଏ ଅବର୍ଣ୍ଣନୀୟ ଶିହରଣ, ଆଧ୍ୟାତ୍ମିକତାର ଉନ୍ମାଦନା ଆଉ ଭାବ ବିନୋଦର ଅମୃତ ସ୍ପର୍ଶ ।

ପ୍ରତିଟି ଓଡ଼ିଆ ସିଏ ଯେଉଁଠି ରୁହନ୍ତୁ ନା କାହିଁକି ତାଙ୍କ ସକାଳର ପ୍ରଥମ ପ୍ରାର୍ଥନା ଓ ଭାବ ସମର୍ପଣ ରହିଥାଏ ମହାବାହୁ ଶ୍ରୀଜଗନ୍ନାଥଙ୍କ ପାଖରେ । ପ୍ରତିଟି ଓଡ଼ିଆ ଘରର ମୁରବୀ ହେଉଛନ୍ତି ସେହି ଜଗତରନାଥ କାଳିଆ ସାଆନ୍ତ ମହାପ୍ରଭୁ ଶ୍ରୀଜଗନ୍ନାଥ । ଓଡ଼ିଆ ଘରରେ ଆମ ପରମ୍ପରାର ଏକୋଇଶା ନାମକରଣରେ ଅନେକ ମହାପ୍ରଭୁଙ୍କୁ ଟିକିଏ ରାତି ପାହିଲେ ତୁଣ୍ଡରେ ଧରିବା ପାଇଁ ସେମାନଙ୍କ ପିଲାଙ୍କ ନାମକରଣ କରିଥାନ୍ତି 'ଜଗନ୍ନାଥ', 'କାଳିଆ', 'ପୁରୁଷୋତମ' ଏହିପରି ବିଭିନ୍ନ ନାମରେ । ପ୍ରତିଟି ଓଡ଼ିଆଙ୍କ ଶୁଭକାର୍ଯ୍ୟରେ ପ୍ରଥମ ନିମନ୍ତ୍ରଣ ମହାପ୍ରଭୁଙ୍କୁ । ପିଲାଟିର ନାମକରଣ ହେଉ ବା ଅନ୍ନପ୍ରସନ୍ନ, ଏକୋଇଶା ଠାରୁ ଜନ୍ମ ବାର୍ଷିକୀ, ଉପନୟନ ଠାରୁ ଗୃହ ପ୍ରତିଷ୍ଠା ଏବଂ ଜୀବନର ଶେଷ ଆଶ୍ରା ଓ ଶେଷ ସମୟରେ ମଧ୍ୟ ମହାପ୍ରଭୁଙ୍କ ନିର୍ମାଲ୍ୟ ଟିକକ ଖୋଜା ପଡ଼ିଥାଏ । ଆମ ଓଡ଼ିଆଙ୍କ ଗାଁ ଗଣ୍ଡା ଠାରୁ ସହର ପର୍ଯ୍ୟନ୍ତ ସବୁ ଭାଗବତ ଗାଦୀର ଭାଗବତ ଗୋସେଇଁ ଭାବରେ ଶ୍ରୀଜଗନ୍ନାଥ ପୂଜା ପାଉଥାନ୍ତି । ଏହି ଛୋଟବଡ଼ ବିଭିନ୍ନ ମଠ ମନ୍ଦିରରେ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ରହିଥିବା ଅନେକ ପର୍ବପର୍ବାଣୀ ଅନୁଷ୍ଠିତ ହୋଇଥାଏ । କାର୍ତ୍ତିକ ମାସ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଓଡ଼ିଶାର ପ୍ରାୟ ପ୍ରତ୍ୟେକ ହିନ୍ଦୁ ଗୃହିଣୀ ତୁଳସୀ ଚଉରା ମୂଳରେ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ମହାପ୍ରଭୁଙ୍କ ଆୟୁଧ ଶଙ୍ଖ, ଚକ୍ର, ଗଦା, ପଦ୍ମ, ଓ ବାହାନ ଗରୁଡ଼ ପ୍ରଭୃତିଙ୍କ ଚିତ୍ର ମୁରୁଜରେ ଆଙ୍କି ଆରାଧନା କରିଥାନ୍ତି । ପ୍ରତ୍ୟେକ ନୈଷ୍ଠିକ ଓଡ଼ିଆ ପ୍ରତିଦିନ ସ୍ନାନ ପରେ ନିର୍ମାଲ୍ୟ କଣିକା ଟିକିଏ ସେବନ କଲାପରେ ହିଁ ଅନ୍ନଜଳ ସ୍ପର୍ଶ କରିଥାନ୍ତି । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ଓଡ଼ିଆଙ୍କର ଚିର ସାଥୀ । ଶିଶୁଟିର ଜନ୍ମ ହେବାର ସପ୍ତମ ଦିବସରେ ତାହାକୁ ସ୍ନାନ କରାଇ ଅଶୌଚ ଦୋଷ ନିବାରଣ କଲାବେଳେ ତା ଓଠରେ ମହାପ୍ରଭୁଙ୍କ ନିର୍ମାଲ୍ୟ ଛୁଆଇଁ ଦିଆଯାଏ । ସେହିଦିନ ଠାରୁ ତା ଭିତରେ ଆରୋପିତ ହୁଏ ଶ୍ରୀଜଗନ୍ନାଥ ଚେତନା । ପ୍ରତିଟି ଓଡ଼ିଆ ଶେଷ ନିଃଶ୍ୱାସ ପୂର୍ବରୁ ତୁଣ୍ଡରେ ଟିକିଏ ନିର୍ମାଲ୍ୟ ପାଇବା ପାଇଁ କେତେ ବ୍ୟାକୁଳ ହୋଇଉଠିଥାଏ ! ଏହି ନିର୍ମାଲ୍ୟ ହିଁ ତାଙ୍କୁ ମୁକ୍ତି ଦେବ । ଏହି ଅଟଳ ବିଶ୍ୱାସଟି ହିଁ ବାନ୍ଧି ହୋଇଥାଏ ।

ବହୁ ସଂଜ୍ଞକିବା ହେଉ ବା ନୂଆ ବହୁ ଆରମ୍ଭ ହେଲାବେଳେ ମହାପ୍ରସାଦ ପୁଡ଼ିଆ ପ୍ରେରଣ ହୋଇଥାଏ ଶୁଭ ସଙ୍କେତ ଭାବରେ । ଚିଠି ଗୁଆର ନିମନ୍ତ୍ରଣ ସହିତ ମହାପ୍ରସାଦ ପଠାଇବାର ବିଧି ମଧ୍ୟ ରହିଛି । ଘରେ ବିବାହର ପ୍ରଥମ ନିମନ୍ତ୍ରଣ ପତ୍ର ମହାପ୍ରଭୁଙ୍କୁ ସମର୍ପଣ ହୁଏ । ବିବାହ ବନ୍ଧନର ପୂର୍ବ ନିର୍ବନ୍ଧ କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଟେକା ଯାଇ ବୈବାହିକ ସମ୍ବନ୍ଧ ଘୋଷିତ ହୋଇଥାଏ । କହିବାକୁଗଲେ ଏହି ସମ୍ବନ୍ଧ ବା ସମ୍ପର୍କକୁ ଅତୁଟ ରଖିବା ପାଇଁ ଜଗନ୍ନାଥଙ୍କ ନାମରେ ଶପଥ ଗ୍ରହଣ ହୋଇଥାଏ । ଜଗନ୍ନାଥଙ୍କ ନାମ ନେବା ପରେ ହିଁ ବର ହୋଇଥାଏ ବାଗଦତ ଓ କନ୍ୟାଟି ହୋଇଥାଏ ବାଗଦତା । ଓଡ଼ିଆଙ୍କ ସାମାଜିକତାରେ ଏହା ହେଉଛି ମହାପ୍ରସାଦ ନିର୍ବନ୍ଧ । ଏହି ନିର୍ବନ୍ଧ ପରେ ଯେଉଁପକ୍ଷ ପ୍ରସ୍ତାବ ଭାଙ୍ଗି ଦିଏ ସେହି ପକ୍ଷ ଜଗନ୍ନାଥଙ୍କ ପାଖରେ ଦ୍ରୋହୀ ହୁଏ ବୋଲି କାଳ କାଳର ବିଶ୍ୱାସ ରହିଛି । ଅନେକ କ୍ଷେତ୍ରରେ ଜାତକ ଅମେଳ ହେଲେ 'ସର୍ବମଙ୍ଗଳ ଜଗନ୍ନାଥ' କହି ବିବାହ ପ୍ରସ୍ତାବକୁ ବିଶ୍ୱାସର ସହ ଆଗେଇ ନିଆଯାଇଥାଏ । ଝିଅ ଘରୁ ଯେଉଁ ପ୍ରଥମ ଭାରଟି ଯାଇଥାଏ ସେଥିରେ ପ୍ରଥମେ ଓ ଶ୍ରଦ୍ଧାର ପ୍ରେରଣୀୟ ବସ୍ତୁ ହେଉଛି ମହାପ୍ରସାଦ । ଏହି ଶ୍ରୀଜଗନ୍ନାଥଙ୍କର ମହାପ୍ରସାଦ ଓଡ଼ିଆ ମାନଙ୍କ ପାଇଁ ଅମୃତତୁଲ୍ୟ ।

ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ମହାପ୍ରସାଦକୁ ଏକତ୍ର ଭୋଜନ କରାଯାଏ । ମହାପ୍ରସାଦ ମାଧ୍ୟମରେ ସୂର୍ଯ୍ୟବନ୍ଧୁ ସମ୍ପର୍କ ସ୍ଥାପନ କରାଯାଇ ଓଡ଼ିଶାର ସାମାଜିକ ବ୍ୟବସ୍ଥାରେ ମୈତ୍ରୀପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥାଏ । ମହାପ୍ରଭୁଙ୍କ ପବିତ୍ର ଅବଢ଼ା କୁଡୁଆକୁ ଦାଣ୍ଡ ପାଖ ଚାଳରେ ଓହଳାଇଲେ ଗୃହକୁ ଆପଦ ପ୍ରବେଶ କରିପାରେ ନାହିଁ ଓ ବାହାରକୁ ଯାତ୍ରା କରିବା ଶୁଭଙ୍କର ହୁଏ ବୋଲି କୋଟି ଓଡ଼ିଆଙ୍କ ବିଶ୍ୱାସ । ଅବଢ଼ା କୁଡୁଆରେ ତୁଳସୀ ଗଛ ଲଗାଇ ପୂଜା କଲେ ମୁକ୍ତି ମିଳଇ ବୋଲି ବିଶ୍ୱାସ ରହିଛି ।

ମୃତ୍ୟୁବେଳେ ମହାପ୍ରଭୁଙ୍କ ନାମ ନେଲେ ଯମଦଣ୍ଡରୁ ମୁକ୍ତି ମିଳେ ଓ ଆତ୍ମା ବୈକୁଣ୍ଠଗାମୀ ହୁଏ ବୋଲି ବିଶ୍ୱାସ ଥିବାରୁ ମୃତ୍ୟୁବେଳେ ସଭିଏଁ 'ଜଗନ୍ନାଥ ନାମଟି ସ୍ମରଣ କରିଥାନ୍ତି । ଓଡ଼ିଆର ପ୍ରତିଟି କ୍ଷେତ୍ର ପ୍ରତିଟି ଭାବନା, ପ୍ରତିଟି ଚିନ୍ତା ସର୍ବୋପରି ସମାଜର ପ୍ରତି କ୍ଷେତ୍ରରେ ରହିଛି ଶ୍ରୀଜଗନ୍ନାଥଙ୍କ ପ୍ରଭାବ । ଆମ ସବୁଠି ଶ୍ରୀ ଜଗନ୍ନାଥ ଚେତନା ମିଶି ଏକ ହୋଇଯାଇଛି । ଶ୍ରୀଜଗନ୍ନାଥଙ୍କୁ ଅଲଗା କରି ଓଡ଼ିଆ ସଂସ୍କୃତିର ସ୍ଥିତି ଚିନ୍ତା କରାଯାଇପାରେନା । ସେଥିପାଇଁ ଓଡ଼ିଶାର ସଂସ୍କୃତିକୁ କୁହାଯାଏ ଶ୍ରୀଜଗନ୍ନାଥ ସଂସ୍କୃତି । ଶ୍ରୀଜଗନ୍ନାଥ ଓ ଶ୍ରୀକ୍ଷେତ୍ର ଆମ ଓଡ଼ିଆ ଜାତିର ଏକମାତ୍ର ପରିଚୟ କହିଲେ ଅତ୍ୟୁକ୍ତି ହେବନାହିଁ । ଓଡ଼ିଶା ବାହାରେ ଓ ବିଦେଶରେ ଓଡ଼ିଶାରୁ ଆସିଛି କହିଲେ ପ୍ରାୟତଃ ଅନେକ ଓଡ଼ିଶାକୁ ହଠାତ୍ ନ ଚିହ୍ନି ପାରୁଥିଲେ 'ଜଗନ୍ନାଥ ଦେଶ' କହିଲେ ସମସ୍ତେ ଭାବପୂର୍ଣ୍ଣ, ହୃଦୟପୂର୍ଣ୍ଣ ଓ ଆବେଗପୂର୍ଣ୍ଣ ହୋଇଯାଇଥାନ୍ତି । ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କୁ ନେଇ ଆମ ଜାତି ଆଜି ବିଶ୍ୱ ଦରବାରରେ ମୁଖ୍ୟତଃ ହିଁ ପରିଚିତ । ଶ୍ରୀଜଗନ୍ନାଥ ସଂସ୍କୃତିରେ କାଳକ୍ରମେ କେତେକ ପରିବର୍ତ୍ତନ ଦେଖା ଦେଇଥିଲେ ମଧ୍ୟ ଶ୍ରୀଜଗନ୍ନାଥ ସଂସ୍କୃତି ଅଦ୍ୟାପି ସମଗ୍ର ବିଶ୍ୱରେ ଶାନ୍ତି, ମୈତ୍ରୀ, ମାନବିକତା ପ୍ରତିଷ୍ଠା ଦିଗରେ ଏକମାତ୍ର ଆଦର୍ଶ ସଂସ୍କୃତି କହିଲେ ଅସଂଗତ ହେବନାହିଁ । ଓଡ଼ିଆ ଜାତିର ମର୍ମବାଣୀ ହେଉଛି ଜଗନ୍ନାଥ ଆଜି ମୂର୍ତ୍ତି ରୂପରେ ପୂଜିତ ହେଉଥିଲେ ହେଁ ସେ ଅମୃତ ଓ ଅମୃତ ଚେତନାର ଚିରନ୍ତନ ଅନନ୍ୟ ପ୍ରତୀକ । ଶ୍ରୀଜଗନ୍ନାଥ ସଂସ୍କୃତି ହେଉଛି ମହାମାନବର ମହାମିଳନର ମହତି ସଂସ୍କୃତି । ବିଶ୍ୱ ମାନବ ସମାଜକୁ ନିଜର କରି ସମସ୍ତଙ୍କର ସୁଖ, ଶୁଭ, ସୌଭାଗ୍ୟ କାମନା କରି ଆଜି ମାନବ ବିଶ୍ୱ ମାନବ ହେବା ପାଇଁ ଶ୍ରୀଜଗନ୍ନାଥ ସଂସ୍କୃତିରୁ ହିଁ ପାଇପାରିବ ମହାନ ଆଦର୍ଶର ପ୍ରେରଣା ଓ ଉଦବୋଧନ ।

*ମାନସିକରୋଗ ବିଶେଷଜ୍ଞ, ପୁରୀଘାଟ ରୋଡ୍, କଟକ*
*ଦୂରଭାଷ : ୯୧୩୨୪୩୩୩୩୩*

